ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ,
ଟିଟିଲାଗଡ-ବିଜୟନଗରମ୍ ୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି

## ବିଜ୍ଞାପନ

ସଂଖ୍ୟା...୨୬୯.../୨୦୧୯ ତାରିଖ..୧୪/୧୧/୨୦୧୯

ନ୍ୟାଯ୍ୟୋଚିତ କ୍ଷତି ପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନର ଧାରା ୭ ର ଉପଧାରା ୧ ମୁତାବକ ଟିଟିଲାଗଡ-ବିଜୟନଗରମ୍ ୩ୟ ରେଳପଥ ନିର୍ମାଣ ପାଇଁ ସାମାଜିକ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ତା. ୨୭.୦୯.୨୦୧୯ ରିଖ ପୂର୍ବାହ୍ନ ଘ. ୧୧.୦୦ ମି. ସମୟରେ ଜିଲ୍ଲାପାଳ କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିଶ ସମ୍ପର୍କୀୟ ବିଜ୍ଞାପନ, ଓଡିଶା ଭୂ-ଅର୍ଜନ ନିୟମାବଳୀ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥିସହ ସଂଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ରାଜ୍ୟ ସରକାର ଓ କଳାହାଣ୍ଡି ଜିଲ୍ଲାପାଳଙ୍କ ୱେବ୍ ସାଇଟରେ ଉପଲବ୍ଧ ହେବ ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

ଜ୍ଞାପନ ସଂଖ୍ୟା...୨୭୦..... ତାରିଖ .୧୪/୧୧/୨୦୧୯

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

Scanned by CamScanner

ଜ୍ଞାପନ ସଂଖ୍ୟା...୨୩୧.... ତାରିଖ ...୧୫/୧୧/୨୦୧୭

ଏହାର ଏକକିତା ନକଲ ଏନ୍.ସି.ଡି.ଏସ୍, ଭୁବନେଶ୍ୱର/ ଉପଜିଲ୍ଲାପାଳ, ଭବାନୀପାଟଣା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, କେସିଙ୍ଗା/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନର୍ଲା/ ତହସିଲଦାର, କେସିଙ୍ଗା/ତହସିଲଦାର, ନର୍ଲାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

ଜ୍ଞାପନ ସଂଖ୍ୟା...୨୩୨..... ତାରିଖ ..୧୫/୧୧/୨୦୧୭

ଏହାର ଏକକିତା ନକଲ ସରପଞ୍ଚ, ସିରୋଲ, ବାଲସି, ରୁପ୍ରାରୋଡ ଏବଂ ସର୍ଗିଗୁଡା ଗ୍ରାମ ପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ପ୍ରତିଟି ଗ୍ରାମର ସାର୍ବଜନୀନ ସ୍ଥଳୀରେ ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ପ୍ରକାଶନ କରିବା ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

Scanned by CamScanner

ଜ୍ଞାପନ ସଂଖ୍ୟା...୨୭୩.... ତାରିଖ ...୧୪/୧୧/୨୦୧୭

ଏହାର ଏକକିତା ନକଲ ଯୁଗ୍ମ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍‌ସାଇଟରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

ଜ୍ଞାପନ ସଂଖ୍ୟା...୨୭୪.... ତାରିଖ ...୧୪/୧୧/୨୦୧୭

ଏହାର ଏକକିତା ନକଲ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବିଶାଖାପାଟଣାମ୍ (ଟିଟିଲାଗଡ-ବିଜୟନଗରମ୍ ୩ୟ ରେଳପଥ)ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

ଜ୍ଞାପନ ସଂଖ୍ୟା...୨୭୫.... ତାରିଖ ...୧୪/୧୧/୨୦୧୭

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ ବୋର୍ଡ / ଡି.ଆଇ.ଓ., ଏନ୍. ଆଇ.ସି. କଳାହାଣ୍ଡିଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, କଳାହାଣ୍ଡିଙ୍କ ୱେବ୍ ସାଇଟରେ ତୁରନ୍ତ ପ୍ରକାଶନ କରିବେ ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ-ବିଜୟନଗରମ୍
୩ୟ ଲାଇନ ରେଳପଥ, ଭବାନୀପାଟଣା
କଳାହାଣ୍ଡି ।

Scanned by CamScanner

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ ଟିଟିଲାଗଡ ଠାରୁ ବିଜୟନଗରମ୍ ୩ୟ ଲାଇନ ରେଳପଥ ନିର୍ମାଣ ପାଇଁ ସାମାଜିକ ପ୍ରଭାବ ଅଧ୍ୟୟନ ବିବରଣୀ ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ତା. ୨୭.୦୯.୨୦୧୯ ରିଖ ପୂର୍ବାହ୍ନ ଘ. ୧୧.୦୦ ମି. ସମୟରେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକ ବିବରଣୀ ଏବଂ ସୁପାରିଶ ରିପୋର୍ଟ।

---

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ଟିଟିଲାଗଡ ଠାରୁ ବିଜୟନଗରମ୍ ୩ୟ ଲାଇନ ରେଳପଥ ନିର୍ମାଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀର ବୈଠକ ଜିଲ୍ଲାପାଳ, କଳାହାଣ୍ଡି ଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି- ଅଧ୍ୟକ୍ଷ ।

୨. ଶ୍ରୀ ସୁଶାନ୍ତ କୁମାର ସିଂହ, ଉପଜିଲ୍ଲାପାଳ, ଭବାନୀପାଟଣା-ଆବାହକ-ସଦସ୍ୟ ।

୩. ଶ୍ରୀ ଗଣ୍ଡାରାମ ଖମାରୀ, ତହସିଲଦାର, କେସିଙ୍ଗା- ସଦସ୍ୟ ।

୪. ଶ୍ରୀ ଇ.ଭି. ଗୁରୁନାଧ ରାଓ, ବରିଷ୍ଠ ଡେପୁଟି ଜେନେରାଲ ମ୍ୟାନେଜର- ସଦସ୍ୟ ରେଳ ବିକାଶ ନିଗମ ଲିମିଟେଡ, ବିଶାଖାପାଟନାମ୍ ।

୫. ଶ୍ରୀ ଜୟଧର ସତନାମି, ଅବସରପ୍ରାପ୍ତ ରିଡର- ସଦସ୍ୟ

୬. ଶ୍ରୀ ହେମନ୍ତ ନାଗ, ସରପଞ୍ଚ- ସଦସ୍ୟ
ସିରୋଲ ଗ୍ରାମ ପଞ୍ଚାୟତ

Scanned by CamScanner

୭. ଶ୍ରୀ ଚୂଡାମଣି ମାଝି, ସରପଞ୍ଚ- ସଦସ୍ୟ
ବାଲସି ଗ୍ରାମପଞ୍ଚାୟତ ।

୮. ଶ୍ରୀ ଚିତ୍ତରଞ୍ଜନ ରଣା, ସରପଞ୍ଚ- ସଦସ୍ୟ
ରୁପ୍ରାରୋଡ ଗ୍ରାମ ପଞ୍ଚାୟତ

୯. ଶ୍ରୀ ନରସିଂହ କୁମାର, ସରପଞ୍ଚ- ସଦସ୍ୟ
ସର୍ଗୀଗୁଡା ଗ୍ରାମ ପଞ୍ଚାୟତ

୧୦. ଶ୍ରୀ ନିରୋଦ କୁମାର ବେହେରା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭବାନୀପାଟଣା ।

୧୧. ଶ୍ରୀ ଅଶୋକ କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ଗୋପବନ୍ଧୁ ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ ଅର୍ଗାନାଇଜେସନ ଫର୍ ୱେଲଫେୟାର, ଜଗତସିଂହପୁର ।

୧୨. ଶ୍ରୀ ହେମନ୍ତ କୁମାର ନାୟକ, ସୁପରଭାଇଜର, ଗୋପବନ୍ଧୁ ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ ଅର୍ଗାନିଜେସନ ଫର୍ ୱେଲଫେୟାର, ଜଗତସିଂହପୁର ।

୧୩. ବି. ସାଇରାଜୁ- ଜଏଣ୍ଟ ଜେନେରାଲ ମ୍ୟାନେଜର, ରେଳ ବିକାଶ ନିଗମ ଲିମିଟେଡ, ବିଶାଖାପାଟନାମ୍ ।

୧୪. ଭୀମସେନ ଦୀପ, ରାଜସ୍ୱ ନିରୀକ୍ଷକ, ଭାବାନୀପାଟଣା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ତାହାପରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭବାନୀପାଟଣା ବୈଠକ ଉଦ୍ଦେଶ୍ୟ ବିଷୟରେ ବିଶଦ ସୂଚନା ପ୍ରଦାନ କରିଥିଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ବିଷୟବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ ଗୋଷ୍ଠୀର ଅଧ୍ୟକ୍ଷ ସମ୍ୟକ ସୂଚନା ଦେଇଥିଲେ । ଏହା ପୂର୍ବରୁ କଳାହାଣ୍ଡି ଜିଲ୍ଲାର ୭ ଗୋଟି ଗ୍ରାମରେ ଏ. ୯. ୬୧୨ ଡି. ଜମିର ଅଧିଗ୍ରହଣ ପ୍ରକ୍ରିୟା ଚାଲୁଥିବାର ଏବଂ ରେଳପଥର ସମ୍ପୂର୍ଣ୍ଣ ନିର୍ମାଣ ନିମନ୍ତେ ଅତିରିକ୍ତ ଭାବରେ ୪ ଟି ଗ୍ରାମରେ

Scanned by CamScanner

ଏ. ୨. ୧୯୦ ଡି. ଜମିର ଆବଶ୍ୟକତା ପଡୁଥିବା ସୂଚନା ମଧ୍ୟ ଦେଇଥିଲେ । ଏହାପରେ ନିମ୍ନୋକ୍ତ ବିଷୟରେ ବିଶେଷଜ୍ଞ ଗୋଷ୍ଠୀଙ୍କ ଦ୍ୱାରା ସବିଶେଷ ଆଲୋଚନା କରାଯାଇଥିଲା ।

୧. **ଜନଶୁଣାଣି ସମ୍ବନ୍ଧରେଃ-**

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସଦସ୍ୟ ମତବ୍ୟକ୍ତ କରିଥିଲେ ଯେ କେସିଙ୍ଗା ତହସିଲ ଏବଂ ନର୍ଲା ତହସିଲ ଅନ୍ତର୍ଗତ ୪ ଗୋଟି ଗ୍ରାମରେ ତା. ୨୩.୦୭.୨୦୧୯ ରିଖ ଏବଂ ତା. ୨୪.୦୭.୨୦୧୯ ରିଖରେ ଯଥାକ୍ରମେ ସିରୋଲ, ବାଲସି, ରୁପ୍ରାରୋଡ ଓ ସର୍ଗିଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ସୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ଏବଂ ସାଧାରଣ ନାଗରିକ ଉପସ୍ଥିତ ଥାଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

୨. **ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ବିଷୟରେ ଆଲୋଚନା-**

ଉକ୍ତ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି କି ନା ସେ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କ ମତାମତ ଲୋଡିଥିଲେ । ଯେହେତୁ ଉକ୍ତ ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ବ୍ୟବସାୟ ସମ୍ବନ୍ଧୀୟ ଅଭିବୃଦ୍ଧି, ଜମିବାଡିର ମୂଲ୍ୟବୃଦ୍ଧି, ନୂତନ ବଜାର ସୃଷ୍ଟି ଏବଂ ରେଳପଥରେ ଯାତାୟତ ନିମନ୍ତେ ୫ ଗୋଟି ରେଳଷ୍ଟେସନ ଯଥା କେସିଙ୍ଗା, କାଣ୍ଟେଲ, ରୁପ୍ରାରୋଡ, ନର୍ଲା, ଲାଞ୍ଜିଗଡରୋଡର ସୁବିଧା ଉପଲବ୍ଧ ହେଉଅଛି, ଏଣୁ ସମସ୍ତ ସଦସ୍ୟ ଉକ୍ତ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଥିବାର ହୃଦବୋଧ ହୋଇ ସହମତ ହୋଇଥିଲେ ।

୩. **ପ୍ରକଳ୍ପ ପାଇଁ ଆକଳନ ଖର୍ଚ୍ଚ ଓ ସମ୍ଭାବ୍ୟ ଉପକାର-**

ଏ ସମ୍ବନ୍ଧରେ ରେଳବିଭାଗ ଅଧିକାରୀ ପ୍ରକାଶ କରିଥିଲେ ଯେ କଳାହାଣ୍ଡି ଜିଲ୍ଲାରେ ୩୭. ୦୨୫ କି.ମି. ରେଳପଥ ନିର୍ମାଣ କରାଯିବ । ସାମାଜିକ ଆକଳନ ରିପୋର୍ଟରୁ ଜଣାପଡେ ଯେ ଏହି ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଆୟ ବୃଦ୍ଧି ହେବ, ବାଣିଜ୍ୟ କାରବାର ବୃଦ୍ଧି ହେବ, ଜମିବାଡିର ମୂଲ୍ୟ ବୃଦ୍ଧି ହେବ, ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନକୁ କମ୍ ଖର୍ଚ୍ଚରେ ଯାତାୟତ କରିହେବ । ଏହାଛଡା ରେଳପଥ ନିର୍ମାଣ ଏବଂ ରେଳ ଲାଇନ ରକ୍ଷଣାବେକ୍ଷଣରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଅଛି । ତେଣୁ ଏହି ସବୁ ଦୃଷ୍ଟିରୁ ବିଚାରକଲେ ରେଳ ପ୍ରକଳ୍ପ ପାଇଁ ଆକଳନ ଖର୍ଚ୍ଚ ଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

Scanned by CamScanner

୪. **ସର୍ବନିମ୍ନ ଜମି ଅଧିଗ୍ରହଣ ସମ୍ବନ୍ଧରେ-**

ଉକ୍ତ ପ୍ରକଳ୍ପ ପାଇଁ ୪ ଗୋଟି ଗ୍ରାମରେ ରେଳପଥ ନିର୍ମାଣ ନିମନ୍ତେ କେବଳ ଏ. ୨.୧୯୦ ଡେ. ଜମି ଅଧିଗ୍ରହଣ କରାଯିବ । ଏହି ଜମିର ପରିମାଣ ବହୁତ କମ ଅଟେ । ରେଳ ବିଭାଗ କର୍ତ୍ତୃପକ୍ଷ ଦର୍ଶାଇଥିଲେ ଯେ ରେଳପଥ ନିର୍ମାଣ ପାଇଁ ଯେତିକି ଜମି ଆବଶ୍ୟକ କେବଳ ସେତିକି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି । ଏଥିରେ ସମସ୍ତ ସଦସ୍ୟ ଏକମତ ହୋଇଥିଲେ ଯେ ଏହି ପ୍ରକଳ୍ପ ନିମନ୍ତେ ନିଶ୍ଚିତ ଭାବରେ ସର୍ବନିମ୍ନ ଜମି ଅଧିଗ୍ରହଣ ସକାଶେ ପ୍ରସ୍ତାବିତ ହୋଇଅଛି ।

୫. **ବିସ୍ଥାପନ ବ୍ୟତୀତ ବିକଳ୍ପ ବ୍ୟବସ୍ଥା ଅବଲମ୍ବନ କରାଯିବା ସମ୍ବନ୍ଧେ-**

ସାମାଜିକ ଆକଳନ ଅଧ୍ୟୟନ ରିପୋର୍ଟରୁ ଜଣାପଡେ ଯେ ବରଗାଁ ରେ ୩ ଟି ଘର ଭଙ୍ଗାଯିବାର ସମ୍ଭାବନା ରହିଅଛି । ଏହି ୩ ଗୋଟି ପରିବାରକୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ କାରାଯିବ । ଯେହେତୁ ଉକ୍ତ ଘରଗୁଡିକ ରେଳ ପଥର ଅତି ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଅଛି, ୩ୟ ଲାଇନ ରେଳପଥ ସଂପ୍ରସାରଣ ପାଇଁ ୩ଟି ପରିବାରକୁ ବିସ୍ଥାପନ କରାଯିବାର ଆବଶ୍ୟକତା ରହିଅଛି । ଏଣୁ ବିସ୍ଥାପନ ବ୍ୟତିତ ଅନ୍ୟ ବିକଳ୍ପ ବ୍ୟବସ୍ଥା ଅବଲମ୍ବନ କରାଯାଇପାରିବ ନାହିଁ । ଯେହେତୁ ଟିଟିଲାଗଡ-ବିଜୟନଗରମ୍ ୩ୟ ରେଳପଥ ଏକ ଲିନିୟର ପ୍ରୋଜେକ୍ଟ ଅଟେ ଏଠାରେ ପୁନର୍ବାସ ଓ ଥଇଥାନ ନୀତିର ଆବଶ୍ୟକତା ନାହିଁ । କ୍ଷତିଗ୍ରସ୍ତ ପରିବାରଙ୍କୁ କେବଳ ଭୂ-ଅର୍ଜନ ଆଇନ ୨୦୧୩ ଅନୁଯାୟୀ ଜମି ଓ ଘରର ମୂଲ୍ୟାୟନ କରାଯାଇ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ।

୬. **ପୂର୍ବରୁ ଅଧିଗ୍ରହଣ କରାଯାଇଥିବା ଜମିର ଅବସ୍ଥିତି ସମ୍ବନ୍ଧରେ**

ଏ ସମ୍ପର୍କରେ ରେଳ କର୍ତ୍ତୃପକ୍ଷ ଦର୍ଶାଇଥିଲେ ଯେ ପୂର୍ବରୁ ଅଧିଗ୍ରହଣ କରାଯାଇଥିବାର କିଛି ଜମି ଅବ୍ୟବହୃତ ହୋଇ ରହିଅଛି । ଉକ୍ତ ବଳକା ଜମି ନୂତନ ୩ୟ ରେଳପଥରେ ଅଧିଗ୍ରହଣ କରାଯାଉଥିବାର ଜମି ସହ ସାମିଲ କରାଯାଇ ଉପଯୋଗ କରାଯିବ ।

Scanned by CamScanner

## ବିଶେଷଜ୍ଞ ଗୋଷ୍ଠୀଙ୍କ ସୁପାରିଶ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ଅନୁଧ୍ୟାନ ପୂର୍ବକ ଏବଂ ସଭାରେ ଆଲୋଚନା କରାଯାଇଥିବା ବିଷୟବସ୍ତୁ ଉପରେ ଆଧାରିତ କରି ବିଶେଷଜ୍ଞ ଗୋଷ୍ଠୀଙ୍କ ଦ୍ୱାରା ନିମ୍ନଲିଖିତ ସୁପାରିଶ କରାଗଲା ।

(କ) ତିଟିଲାଗଡ-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଅଛି । ସାମାଜିକ ପ୍ରଭାବ ଅଧ୍ୟୟନରୁ ଜଣାପଡେ ଯେ ଏହି ପ୍ରକଳ୍ପ ଲୋକମାନଙ୍କ ବ୍ୟବସାୟ ବାଣିଜ୍ୟ କାରବାରକୁ ବୃଦ୍ଧି କରିବ । ଏହା ସ୍ଥାନୀୟ ଲୋକଙ୍କର ଜମିବାଡିର ମୂଲ୍ୟ ବୃଦ୍ଧି କରିବ । ଏହା ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବ । ଏ ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ୫ ଗୋଟି ରେଳଷ୍ଟେସନ ଯଥା:- କେସିଙ୍ଗା, କାଣ୍ଡେଲ, ରୂପ୍ରାରୋଡ, ନର୍ଲା ଓ ଲାଞ୍ଜିଗଡ ରୋଡ଼ର ଉପଲବ୍ଧ ହେବ । ଯାହାଫଳରେ ଲୋକମାନେ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ଦେଶର ଅନ୍ୟ ରାଜ୍ୟଗୁଡିକୁ ସହଜରେ ଯାତାୟତ କରିପାରିବେ । ଏହା ବ୍ୟତୀତ ବିଶେଷକରି ଏ ଅଞ୍ଚଳର ଲୋକମାନେ ୩ୟ ରେଳପଥକୁ ବିରୋଧ କରୁନାହାନ୍ତି । ଏ ସବୁ ଦୃଷ୍ଟିରୁ ବିଚାର କଲେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ।

(ଖ) କଳାହାଣ୍ଡି ଜିଲ୍ଲାରେ ଉକ୍ତ ରେଳପଥ ୩୬.୦୨୫ କି.ମି. ଦୂରତା ଅତିକ୍ରମ କରୁଅଛି । ଏହି ପ୍ରକଳ୍ପ ଯୋଗୁଁ ଲୋକମାନଙ୍କର ବ୍ୟବସାୟ ବାଣିଜ୍ୟ ବୃଦ୍ଧି ହେବ, ଜମିବାଡିର ମୂଲ୍ୟ ବୃଦ୍ଧି ହେବ, ଲୋକମାନଙ୍କ ପାଇଁ ସହଜରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତିର ସୁଯୋଗ ମିଳିବ, ଲୋକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହେବ । ଏହା ବ୍ୟତୀତ ଏ ଅଞ୍ଚଳର ଲୋକମାନଙ୍କ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ଦେଶର ବିଭିନ୍ନ ରାଜ୍ୟକୁ ଗମନାଗମନ ବ୍ୟବସ୍ଥା କମ୍ ଖର୍ଚ୍ଚରେ ଉପଲବ୍ଧ ହେବ । ଏ ସବୁ ଦୃଷ୍ଟି କୋଣରୁ ବିଚାର କଲେ ରେଳ ପ୍ରକଳ୍ପ ପାଇଁ ଆକଳନ ଖର୍ଚ୍ଚ ଠାରୁ ସମ୍ଭାବ୍ୟ ଉପକାର ଏବଂ ସର୍ବସାଧାରଣଙ୍କ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

(ଗ) କଳାହାଣ୍ଡି ଜିଲ୍ଲାରେ ୩ୟ ରେଳପଥ ନିର୍ମାଣ ନିମନ୍ତେ ୪ଗୋଟି ଗ୍ରାମରେ କେବଳ ଏ. ୨.୧୯୦ ଡି. ଜମି ଅଧିଗ୍ରହଣ କରାଯିବ । ରେଳପଥ ନିର୍ମାଣ ପାଇଁ ଯେତିକି ଜମି ଆବଶ୍ୟକ କେବଳ ସେତିକି ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଅଛି । ଏଥିରୁ ସ୍ପଷ୍ଟ ଯେ ଏହି ପ୍ରକଳ୍ପ ନିମନ୍ତେ ନିଶ୍ଚିତ ଭାବରେ ସର୍ବନିମ୍ନ ଜମି ଅଧିଗ୍ରହଣ ପ୍ରସ୍ତାବିତ ହୋଇଅଛି ।

Scanned by CamScanner

(ଘ) ସାମାଜିକ ପ୍ରଭାବ ଅଧ୍ୟୟନ ରିପୋର୍ଟରୁ ଜଣାପଡେ ଯେ, ବରଗାଁ ଗ୍ରାମରେ ୩ଟି ଘର ଭଙ୍ଗାଯିବାର ସମ୍ଭାବନା ରହିଅଛି । ଏହି ଘରଗୁଡିକ ରେଳ ଲାଇନର ଅତି ନିକଟବର୍ତ୍ତୀ ଅଞ୍ଚଳରେ ରହିଅଛି ଏବଂ ବର୍ତ୍ତମାନ ପ୍ରସ୍ତାବିତ ଭୂ-ଅଧିଗ୍ରହଣ ସୀମା ଭିତରେ ରହିଅଛି । ତେଣୁ ୩ୟ ଲାଇନ ସମ୍ପ୍ରସାରଣ ପାଇଁ ଏହି ଘର ଗୁଡିକ ଭଙ୍ଗାଯିବାର ଆବଶ୍ୟକତା ରହିଅଛି । ଘର ଭଙ୍ଗାଗଲେ ୩ଟି ପରିବାର ବିସ୍ଥାପନ ହେବେ । ଏମାନଙ୍କୁ ବିସ୍ଥାପନ ବ୍ୟତୀତ ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇପାରିବ ନାହିଁ । ଯେହେତୁ ଟିଟିଲାଗଡ-ବିଜୟନଗରମ୍ ୩ୟ ରେଳପଥ ଏକ ଲିନିୟର ପ୍ରକଳ୍ପ ଅଟେ । ଏଠାରେ ପୁନର୍ବାସ ଓ ଥଇଥାନ ନୀତିର ଆବଶ୍ୟକତା ନାହିଁ । କ୍ଷତିଗ୍ରସ୍ତ ଲୋକଙ୍କୁ ଭୂ-ଅର୍ଜନ ଆଇନ୨୦୧୩ ଏବଂ ଓଡିଶା ଭୂ-ଅର୍ଜନ ନିୟମାବଳୀ ୨୦୧୬ ମୁତାବକ ଜମି ଓ ଘରର ମୂଲ୍ୟାୟନ କରାଯାଇ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ।

(ଙ) ରେଳ ପ୍ରକଳ୍ପ ଅଧିନରେ ପୂର୍ବରୁ ଅଧିଗୃହିତ ହୋଇଥିବା କିଛି ଜମି ଅବ୍ୟବହୃତ ହୋଇରହିଅଛି । ବର୍ତ୍ତମାନ ଉକ୍ତ ବଳକା କିଛି ଜମି ଓ ୩ୟ ରେଳପଥ ନିମନ୍ତେ ପ୍ରସ୍ତାବିତ ଅଧିଗ୍ରହଣ ଜମି ଏକତ୍ର ସାମିଲ ହୋଇ ୩ୟ ରେଳପଥ ପାଇଁ ଉପଯୋଗ କରାଯିବ ।

(ଚ) ଟିଟିଲାଗଡ-ବିଜୟନଗରମ୍ ୩ୟ ରେଳପଥ କଳାହାଣ୍ଡି ଜିଲ୍ଲାର ୪ଗୋଟି ଗ୍ରାମ ମଧ୍ୟ ଦେଇ ୩୭.୦୨୫ କି.ମି. ପଥ ଅତିକ୍ରମ କରିବ ଏବଂ ଏଠାରେ ୧ ଟି ଗ୍ରାମରୁ (ବରଗାଁ) ୩ଟି ପରିବାର ବିସ୍ଥାପିତ ହେବେ । କୌଣସି ଗ୍ରାମ ସଂପୂର୍ଣ୍ଣ ରୂପେ ବିସ୍ଥାପିତ ହେଉ ନାହାନ୍ତି । ଏଣୁ ଉକ୍ତ ପ୍ରକଳ୍ପ ଯୋଗୁଁ ବିଶେଷ କିଛି ସାମାଜିକ ପ୍ରତିକୂଳ ପ୍ରଭାବ ପଡିବ ନାହିଁ ।

(ଛ) ଏହା ପୂର୍ବରୁ ଏହି ପ୍ରକଳ୍ପ ପାଇଁ ୬ଗୋଟି ଗ୍ରାମରେ ଏ. ୯.୬୧୨ ଡି. ଜମି ପାଇଁ ଅଧିଗ୍ରହଣ ପ୍ରକ୍ରିୟା ଚାଲୁ ରହିଅଛି । ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରାଯିବା ପାଇଁ ଅତିରିକ୍ତ ଭାବରେ ଆଉ ୪ଟି ଅଧିକ ଗ୍ରାମରେ ଏ. ୨.୧୯୦ ଡି. ଜମିର ଆବଶ୍ୟକତା ରହିଅଛି । ଏହା ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଭାବରେ ପଦକ୍ଷେପ ଗ୍ରହଣ କରାଯାଉଅଛି । ତେଣୁ ସରକାରଙ୍କ ଅବଗତି ନିମନ୍ତେ ସୁପାରିଶ କରାଗଲା ।

(ଜ) ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସ୍ଥଳେ ଓଭରବ୍ରିଜ, ଅଣ୍ଡର ବ୍ରିଜ, ଗାର୍ଡୱାଲ, ଡ୍ରେନେଜ୍ ନିର୍ମାଣ କରାଯିବା ପାଇଁ ରେଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଗଲା । କ୍ଷତିଗ୍ରସ୍ତ ଲୋକ ତଥା ସର୍ବସାଧାରଣଙ୍କ ଯାତାୟତର ସୁବିଧା ଏବଂ ଚାଷ ଜମିର ସୁରକ୍ଷା ପାଇଁ ଉକ୍ତ ପ୍ରକଳ୍ପ ଗୁଡିକ ଏକାନ୍ତ ଆବଶ୍ୟକ ଅଟେ ।

Scanned by CamScanner

**(ଝ) ଜମିର ମୂଲ୍ୟାୟନ ବୃଦ୍ଧି ସମ୍ବନ୍ଧରେ-** ଏ ସଂପର୍କରେ ମଶାଣୀବନ୍ଧ ଗ୍ରାମର ଜମିହରା ଲୋକମାନେ ସେମାନଙ୍କ ଜମିର ମୂଲ୍ୟ ବୃଦ୍ଧି କରାଯାଇ ଏକର ପିଛା ୧.୫୦ କୋଟି ଟଙ୍କା କ୍ଷତିପୂରଣ ରାଶି ଦେବା ପାଇଁ ଦାବି କରିଅଛନ୍ତି ।

ଏହି ଦାବୀ ସରକାରଙ୍କ ବିଚାରାଧିନ ବିଷୟ ଅଟେ ।

**(ଞ) ସରକାରୀ ଚାକିରୀ ପ୍ରଦାନ ସମ୍ବନ୍ଧରେ-** କେତେକ ଜମିହରା ବ୍ୟକ୍ତି ତାଙ୍କ ପୁଅ, ଝିଅଙ୍କୁ ଯୋଗ୍ୟତା ଅନୁସାରେ ଚାକିରୀ ଦେବା ନିମନ୍ତେ ଦାବି କରିଅଛନ୍ତି ।

ଉକ୍ତ ଦାବୀ ସରକାରଙ୍କ ବିଚାରାଧିନ ବିଷୟ ଅଟେ ।

**(ଟ) ଅଞ୍ଚଳରେ ଜଳସେଚନର ସୁବିଧା କରିବା-**ପ୍ରସ୍ତାବିତ ରେଳପଥ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଯେଉଁ ଜମି ଅଧିଗ୍ରହଣ କରାଯିବ ସେଥିରୁ ପରିବାରର ଜମିମାନଙ୍କ ମଧ୍ୟରୁ କିଛି ଜଳସେଚିତ ଜମି ଅଛି । ତେଣୁ ରେଳ ପ୍ରକଳ୍ପ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ସଂପୃକ୍ତ ଅଞ୍ଚଳରେ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଜଳ ସେଚିତ ବ୍ୟବସ୍ଥା ଗ୍ରହଣ କରିବେ ।

**(ଠ) ନିୟମିତ ରୋଜଗାର ପାଇଁ ସ୍ୱତନ୍ତ୍ର ଯୋଜନା-**ପ୍ରକଳ୍ପ ପ୍ରଭାବିତଙ୍କ ଠାରୁ ଜମି ଚାଲିଯିବାପରେ ସେମାନେ ବେସାହାରା ହୋଇପଡିବେ । କାରଣ ଚାଷ ଜମି ହିଁ ସେମାନଙ୍କ ପାଇଁ ସବୁଦିନର କାମ ଯୋଗାଉଥିଲା । ଏଥିରେ ଚାଷୀ, କୃଷି ଶ୍ରମିକ ଉଭୟେ କ୍ଷତିଗ୍ରସ୍ତ ହେବେ । ଏମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ କର୍ମ ସଂସ୍ଥାନ ଯୋଗାଣ କରିବାକୁ ସୁପାରିଶ କରାଗଲା ।

**(ଡ) ରେଳପଥରେ ରେଳଧାରଣା ତଳି ରାସ୍ତାର ବ୍ୟବସ୍ଥା-**ରେଳ ଧାରଣା ଯୋଗୁଁ ଗମନାଗମନ କରିବାପାଇଁ ସ୍ଥାନୀୟ ଲୋକଙ୍କୁ ଅସୁବିଧା ହେବ । ରାସ୍ତା ପାର ହୋଇ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ କଷ୍ଟ ହେବ । ଦୁର୍ଘଟଣା ବୃଦ୍ଧି ପାଇବ । ଏହାକୁ ପ୍ରତିହତ କରିବା ପାଇଁ ତଳି ରାସ୍ତାର ସୁବିଧା କରାଯିବା ଉଚିତ ।

**(ଢ) ବଳକା ଜଳ ନିଷ୍କାସନ ପଥ-**ପ୍ରଭାବିତ ଜନସାଧାରଣ ଚାଷଜମିରେ ଜଳବନ୍ଦୀ ସମସ୍ୟାଜନିତ ଆଶଙ୍କାରେ ଆତଙ୍କିତ । ରେଳପଥ ଯୋଗୁଁ ଚାଷ ଜମିରେ ଜଳବନ୍ଦୀ ହୋଇ ଫସଲ ହାନି ଘଟାଇବ । ତେଣୁ ସମ୍ପୃକ୍ତ ବିଭାଗ ବଳକା ଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ ।

Scanned by CamScanner

(ଣ) **ଯାତ୍ରୀବାହୀ ରେଳ ଚଳାଚଳ**-ଯାତ୍ରୀମାନଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଅଧିକରୁ ଅଧିକ ଯାତ୍ରୀବାହୀ ରେଳର ଚଳାଚଳ ଦିଗରେ ପଦକ୍ଷେପ ନିଆଯିବା ଉଚିତ ।

(ତ) **ବନୀକରଣ**- ରେଳପଥର ସମ୍ପ୍ରସାରଣ ପାଇଁ ଏ ଅଞ୍ଚଳରୁ ଗଛ କଟାଯିବାର ଆବଶ୍ୟକତା ଅଛି । ଏଣୁ ଏହାକୁ ଭରଣା କରିବା ପାଇଁ ରେଳବିଭାଗ ତରଫରୁ କିମ୍ବା ସରକାରଙ୍କ ସାମାଜିକ ବନୀକରଣ ପ୍ରକଳ୍ପରୁ ରେଳଧାରଣା କଡେ କଡେ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ।

(ଥ) **କର୍ମସଂସ୍ଥାନ ଯୋଗାଣ ସମ୍ପର୍କୀତ ତାଲିମର ବ୍ୟବସ୍ଥା**-ଏହି ଅଞ୍ଚଳରେ ଏକ ତାଲିମ ଅନୁଷ୍ଠାନ ସ୍ଥାପନ କରି ପ୍ରଭାବିତ ଯୋଗ୍ୟହିତାଧିକାରୀଙ୍କୁ କର୍ମସଂସ୍ଥାନ ଯୋଗାଣ ଦିଗରେ ପଦକ୍ଷେପ ନିଆଯିବା ଉଚିତ୍ ।

(ଦ) **ବ୍ୟବସାୟ ପ୍ରତିଷ୍ଠାନ ଆବଣ୍ଟନ**-ରେଳ ଷ୍ଟେସନ ପାଖାପାଖି ଅଞ୍ଚଳରେ ଯେଉଁ ଦୋକାନ ଗୃହ, ସାଇକେଲ ଷ୍ଟାଣ୍ଡ ଆଦି କରାଯିବ ତାହାକୁ ଅଗ୍ରାଧିକାର ଭିତ୍ତିରେ ପ୍ରଭାବିତ ହିତାଧିକାରୀ ମଧ୍ୟରେ ଆବଣ୍ଟନ ହେବା ଉଚିତ୍ ।

(ଧ) **କ୍ଷତିପୂରଣ ରାଶିର ଆବଣ୍ଟନ**-ପ୍ରଭାବିତ ଜନସାଧାରଣଙ୍କୁ ସେମାନଙ୍କ କ୍ଷତିପୂରଣ ରାଶି ଯଥା ଶିଘ୍ର ଆବଣ୍ଟନ ହେବା ଉଚିତ୍ ।

(ନ) **ଅବ୍ୟବହୃତ ଜମିର ସଦୁପଯୋଗ**-କିଛି ଜମି ରେଳଧାରଣାରେ ବିନିଯୋଗ ହୋଇସାରିବା ପରେ ପରିତ୍ୟକ୍ତ ହୋଇ ରହିବ । ଏହା ସଂପୃକ୍ତ ବ୍ୟକ୍ତିବିଶେଷଙ୍କ କୌଣସି କାମରେ ଆସିବ ନାହିଁ । ଏଣୁ ଉକ୍ତ ବଳକା ଜମିକୁ ରେଳ ବିଭାଗ ଅଧିଗ୍ରହଣ କରି ଆନୁଷଙ୍ଗିକ କାର୍ଯ୍ୟରେ ବିନିଯୋଗ କରି ଉତ୍ପାଦନକ୍ଷମ କରିବା ଉଚିତ୍ ।

(ପ) **ସର୍ବସାଧାରଣ ଗମନାଗମନ ବ୍ୟବସ୍ଥା:-** ପଞ୍ଚାୟତ ପ୍ରତିନିଧି ମାନଙ୍କର ଦାବୀ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ମୁତାବକ ନିମ୍ନୋକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ନିମନ୍ତେ ଓଡିଶା ସରକାର ଓ ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଅନୁରୋଧ କରାଗଲେ ଯେ ନିମ୍ନୋକ୍ତ ପ୍ରକଳ୍ପ ଗୁଡିକ ଜନସାଧାରଣଙ୍କର ହିତ ଦୃଷ୍ଟିରୁ ଏକାନ୍ତ ଆବଶ୍ୟକ ।

Scanned by CamScanner

❖ ଡୁମେରମୁଣ୍ଡା ଲେଭେଲ କ୍ରସିଂ ନିକଟରେ ଏକ ଓଭର ବ୍ରିଜ ନିର୍ମାଣ ।

❖ ମଶାଣିବନ୍ଧ ଏବଂ କୋକଡମାଲ ରେଳପଥ ମଝିରେ ଏକ ଓଭର ବ୍ରିଜ ନିର୍ମାଣ ।

❖ ଡୁମେରମୁଣ୍ଡା ଓ ମଶାଣିବନ୍ଧ ଠାରେ ରେଳପଥ ନିର୍ମାଣ ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାର ପୁନଃ ନିର୍ମାଣ । ପାଇପଲାଇନର ରିପ୍ୟାରିଙ୍ଗ କାର୍ଯ୍ୟ ସଂପାଦନ ।

❖ ବରଗାଁ କୁ ଆପ୍ରୋଚ ରୋଡ ନିର୍ମାଣ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା କରିବା ।

❖ ଏହି ଅଞ୍ଚଳରେ ରେଳପଥ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯାଇଅଛି । ସାଧାରଣତଃ ଜଏଣ୍ଟ ଭେରିଫିକେସନ୍ କାର୍ଯ୍ୟ ସମାପ୍ତ ହେଲାପରେ ଗଛ କଟାଯିବା ନିୟମ ରହିଅଛି । କିନ୍ତୁ ରେଳ କର୍ତ୍ତୃପକ୍ଷ କାହାକୁ ନ ଜଣାଇ ଗଛ ଗୁଡିକ କାଟି ଦେଇଅଛନ୍ତି । କଟାଯାଇଥିବା ଗଛର ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ରେଳ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବେ ।

❖ ସର୍ଗିଗୁଡା ଗ୍ରାମ ମଝିରେ ରେଳପଥ ଯାଇଅଛି । ଏଣୁ ଗମନାଗମନରେ ବିଶେଷ ଅସୁବିଧା ହେଉଅଛି । ରେଳ କର୍ତ୍ତୃପକ୍ଷ ଲୋକମାନଙ୍କର ଯାତାୟତ ନିମନ୍ତେ ରାସ୍ତା ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ ।

❖ ଜଳଯୋଗାଣ ପାଇପ ଲାଇନ ଓ ବୈଦ୍ୟୁତିକ ସଂଯୋଗ କାର୍ଯ୍ୟ ଗୁଡିକରେ ରେଳ କର୍ତ୍ତୃପକ୍ଷଙ୍କ ସହଯୋଗ ଆବଶ୍ୟକ ଅଟେ ।

❖ ଗୃହପାଳିତ ପ୍ରାଣୀଧନର ସୁରକ୍ଷା ଓ ଦୁର୍ଘଟଣା ଜନିତ କ୍ଷୟକ୍ଷତିର ମୁକାବିଲା ପାଇଁ ତାରବାଡର ନିର୍ମାଣ ଜରୁରୀ ଅଟେ ।

Scanned by CamScanner

❖ ରେଳପଥ ନିର୍ମାଣ ହେଲେ ଚାଷ ଜମି ଜଳବନ୍ଦୀ ହେବାର ସମ୍ଭାବନା ରହିଅଛି । ଏଣୁ ଚାଷ ଜମିକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତ କରାଯିବା ନିମନ୍ତେ ସଂପୃକ୍ତ ଅଧିକାରୀ ତତ୍ପର ହେବା ଆବଶ୍ୟକ । ଆବଶ୍ୟକ ସ୍ଥଳେ ଗାର୍ଡୱାଲ ନିର୍ମାଣ କରାଯାଇ ଚାଷ ଜମିକୁ ସୁରକ୍ଷା ଦିଆଯାଉ ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଉପ-ଜିଲ୍ଲାପାଳ, ଭବାନୀପାଟଣା ସମସ୍ତଙ୍କୁ ସେମାନଙ୍କର ସଦୟ୍ ଯୋଗଦାନ ତଥା ସକ୍ରିୟ୍ ସ୍ୱାଧୀନମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

15-11-19

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ବିଶେଷଜ୍ଞ ଗୋଷ୍ଠୀ**
**କଳାହାଣ୍ଡି**

**Sub-Collector**
**Bhawanipatna**

Sr. DGM/Proj/RVNL
Waltair at KSNG

Tahasildar, Kesinga
**TAHASILDAR, KESINGA**

15.11.19

15/11/19
SARAPANCH
SARGIGUDA G.P

15/11/19
SARAPANCH
Rupra Road G.P.
Narla, Kalahandi

Chudamani Majhi
Sarpanch Balsi G.P.

Sarapanch
Sirol G.P

Scanned by CamScanner